This Question Paper consists of 13 questions 7 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 13 ଟି ପ୍ରଶ୍ନ ଅଛି ଏବଂ 7 ମୁଦ୍ରିତ ପୃଷ୍ଠା ଅଛି।

Roll No. | | | | | | | | | | | | |
ରୋଲ ନଂ

**Code No. 60/SS/A/OR**
କୋଡ୍ ନମ୍ବର

**Set /** ସେଟ୍ **A**

# ODIA
## (ଓଡ଼ିଆ)
## (305)

100031

Day and Date of Examination ..................................................
(ପରୀକ୍ଷାର ଦିନାଙ୍କ ଓ ତାରିଖ)

Signature of Invigilators 1. ..................................................
(ନିରୀକ୍ଷକଙ୍କ ସ୍ୱାକ୍ଷର)

2. ..................................................

---

***ସାଧାରଣ ନିର୍ଦ୍ଦେଶାବଳୀ :***

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ।
2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ। ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ।
3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ।
4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ।
5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ।
6. ପ୍ରଶ୍ନପତ୍ରର କୋଡ୍ ନମ୍ବର 60/SS/A/OR ସେଟ୍ [A] ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ।

UNNATI EDUCATIONS
9899436384, 9654279279

# ODIA

# ଓଡ଼ିଆ

# (305)

ସମୟ : 3 ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : 100

ନୋଟ୍ : (i) **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି।

**1.** (କ) ନିମ୍ନଲିଖିତ ଯେକୌଣସି **ଚାରୋଟି** ଶବ୍ଦର ବିପରୀତ ଶବ୍ଦ ଲେଖ। 1×4=4

ପ୍ରାଚୀନ, ବାଚାଳ, ବୃଦ୍ଧି, ପ୍ରସ୍ଥାନ, ମହଙ୍ଗା, ଅବନତି, ଖାଲ

(ଖ) ନିମ୍ନଲିଖିତ **ଚାରୋଟି** ରୂଢ଼ିର ଅର୍ଥ ଲେଖ। 1×4=4

ଝିମିଟି ଖେଳରୁ ମହାଭାରତ, ଉଷୁନା ଧାନରୁ ଗଜା, ଘରବୁଡ଼ି ପାଣି ଆଣୁଏ, ଚାଲିବା ଶଗଡ଼ରେ ହାତ ଦେବା, କୁହୁଡ଼ିରେ ପହଁରିବା, ଅକଲ ସଲାମି, କୁମ୍ଭୀର କାନ୍ଦଣା

(ଗ) ନିମ୍ନଲିଖିତ **ଚାରୋଟିର** ଶୁଦ୍ଧ ରୂପ ଲେଖ। 1×4=4

ଆଦ୍ରତା, ଅହୋରାତ୍ରୀ, ସବାନ୍ଧବେ, ସର୍ବକାଳୀନ, ମୂଖ୍ୟ, ଯାତାୟତ, ଦିଗାମ୍ବର

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକ ବିଶେଷ୍ୟ ପଦ। ଏଗୁଡ଼ିକର ବିଶେଷଣ ପଦ ଲେଖ। (ଯେକୌଣସି **ଚାରୋଟିର**) 1×4=4

ବିଦେଶ, ପ୍ରଚାର, କୂଳ, ଉତ୍ସାହ, ସମୁଦ୍ର, ଅଧିକାର, ଅଂଶ

**2.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର। 1×3=3

(କ) ଲଣ୍ଡନରୁ ସଂଧ୍ୟାରେ _____ ସଂବାଦ ପତ୍ର ପ୍ରକାଶ ପାଏ।

(୨ଖଣ୍ଡ, ୩ଖଣ୍ଡ, ୭ଖଣ୍ଡ)

(ଖ) ଲେଖକଙ୍କ ମତରେ ମଣିଷ ଦେଖିବାକୁ _____ ପରି।

(ଓଲଟ ବୃକ୍ଷ, ଥୁଣ୍ଟା ଗଛ, କଣ୍ଟା ଗଛ, ଫଳନ୍ତି ଗଛ)

UNNATI EDUCATIONS
9899436384, 9654279279

(ଗ) କାର୍‌ରେ ସମୁଦାୟ _____ ବସିଥିଲେ।

(ଜଣେ, ଦୁଇଜଣ, ତିନିଜଣ, ଚାରିଜଣ)

(ଘ) ମୁଁ _____ ମାଆ, ମୋତେ ଛୁଇଁଲେ ଜାତି ଯିବ।

(ବିଦେଶୀ, ଅଜାତିଆ, ଦେଶଦ୍ରୋହୀ, ଗୋବଧକାରୀ)

(ଙ) ରାତିରେ ଶାନ୍ତ ନୀରବ ମୁହୂର୍ତ୍ତ _____ ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇ ଉଠିଲା।

(ସ୍ୱାଧୀନ ଭାରତ କି ଜୟ, ଇନ୍‌କିଲାବ ଜିନ୍ଦାବାଦ, ମହାତ୍ମା ଗାନ୍ଧୀ କି ଜୟ )

**3.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର : 3

(କ) ପୃଥିବୀ ପରି _____ ସହନଶୀଳ।

(ଗ୍ରାମ ବଧୂ, ସହରିଆ, ବାଳିକା)

(ଖ) ଶାଗୁଣା _____ ଚିକିତ୍ସକ ହେଲେ ଶବ ପ୍ରାଣ ପାଏ ନାହିଁ।

(ବିଲୁଆ, କାଉ, ମାଙ୍କଡ଼)

(ଗ) _____କୁ ବୃଦ୍ଧ ରାଉତର ହାତେ ଦେବୁ।

(ଛୋଟଘୋଡ଼ା, ହାତୀ, ରଥ)

(ଘ) ବାତାୟନ ପାଖରେ _____ ବସିଥିଲେ।

(କୁନ୍ତଳା କୁମାରୀ, ଶେଫାଳି ଫୁଲ, ମୀରା କୁମାରୀ)

(ଙ) _____କୁ ଡ଼ାଆଣିଆ ଖରା କୁହାଯାଏ।

(ସକାଳ ଖରା, ଶୀତଦିନର ଖରା, ବର୍ଷାଋତୁର ଖରା)

**4.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ତୁମେ ଆଉ ମଣିଷ ହେବନି ବୋଲି ନବଘନକୁ _____ କହିଛି।

(ବେବୀ, ନେଲି, ହେମ, ପ୍ରବୀର)

UNNATI EDUCATIONS
9899436384, 9654279279

(ଖ) ନବଘନ ବାବୁ _____ ବିଭାଗର ଜଣେ ପଦସ୍ଥ ଅଫିସର।

(ବିକ୍ରି କର, ବାଣିଜ୍ୟ କର, ଟିକସ ବିଭାଗ, ଡ଼ାକ୍ତରୀ ବିଭାଗ)

(ଗ) ଜୀବନର ପ୍ରତିଟି ମୁହୂର୍ତ୍ତ _____ରେ ଭରା।

(ଦୁଃଖ, ସୁଖ, ରୋମାଞ୍ଚ, ବିଷାଦ)

(ଘ) ବୁଢ଼ା ବୟସରେ ପ୍ରଭାକର _____ ଦଉଡୁଛନ୍ତି।

(ଘରକୁ, ହାଟକୁ, ଚାଷଜମିକୁ, ଗାଁର ପାଣି କାଦୁଅକୁ)

(ଙ) _____ ଏକ ଲାଉର ମଞ୍ଜି ବୋଲି କୁହାଯାଇଛି।

(ପ୍ରମୋସନ ପାଇଥିବା କିରାଣୀ, ମନ୍ତ୍ରୀଗଣ, ସାଧାରଣ ଜନତା)

**5.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ନାରସେନାର ଜାତି ଚାଲିଗଲା କାହିଁକି?

(ଖ) ରାୟବାହାଦୁର ରାତିସାରା ଚେଇଁଲେ କାହିଁକି?

(ଗ) ଭାରତର ରାଜନୀତିକ ଗୌରବ କ'ଣ?

(ଘ) ଗାଁ ବାତାବରଣ କାହା ପାଇଁ ଅନୁକୂଳ?

(ଙ) ଅଧକ୍ଷ ଯେଉଁ ଆକୁଳିର କଥା କହୁଥିଲେ ସେ କିଏ?

(ଚ) କିଛି ଖେଳାଳୀ କାହାକୁ ସମାନ ଆଖିରେ ଦେଖନ୍ତି?

(ଛ) ଗଧ ଖାଟେଣି ଖଟେ, କୁକୁର ପାଦଚାଟେ, ଆଉ ମଣିଷ କ'ଣ କରେ?

**6.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) କିଏ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ?

(ଖ) ଯୁଧିଷ୍ଠିରଙ୍କୁ ଭୀଷ୍ମ କ'ଣ କରିବାକୁ କହିଲେ?

(ଗ) କ'ଣ କଲେ ରାଜାଙ୍କୁ ଦୋଷ ଲାଗିବନି ଏବଂ ରାଜ୍ୟରେ ଲକ୍ଷ୍ମୀ ବିରାଜମାନ କରିବେ?

(ଘ) ଗାଁ ଭୁଆସୁଣୀମାନେ କିପରି ସ୍ନାନ କରନ୍ତି?

UNNATI EDUCATIONS
9899436384, 9654279279

(ଙ) କବି କାହିଁକି ନିରାଶ ହେବେ ନାହିଁ ବୋଲି କହିଛନ୍ତି?

(ଚ) ସୂର୍ଯ୍ୟଦେବଙ୍କୁ କିପରି ନୈବେଦ୍ୟ ଦିଆଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି?

(ଛ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ କାହିଁକି ଉଦ୍‌ବୋଧନ ଦେଇଛନ୍ତି?

**7.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=୮

(କ) ପ୍ରଭାକର ଗାଁରେ କ'ଣ ଖୋଜିବେ ବୋଲି କହିଛନ୍ତି?

(ଖ) ଆଜିର ସମୟରେ ଗାଁରେ ବଞ୍ଚିବାର ସାର୍ଥକତା କାହିଁକି ନାହିଁ?

(ଗ) ଗାଁରେ ତିଷ୍ଠିବାକୁ ହେଲେ କ'ଣ କରିବାକୁ ପଡ଼ିବ?

(ଘ) ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା କେଉଁଥି ପାଇଁ ଦିଆଯିବା ଉଚିତ?

(ଙ) ନବଘନ ଅଣ୍ଡା ବିସ୍କୁଟ ବଦଳରେ କ'ଣ ଖାଆନ୍ତି ଓ କାହିଁକି ଖାଆନ୍ତି?

(ଚ) ମିସେସ୍ ସିହ୍ନା ତାଙ୍କ ପୁଅ ଜନ୍ମଦିନ ପାଇଁ କ'ଣ କରିଥିଲେ?

(ଛ) ସାରା ଜୀବନ ଅଫିସ୍ ଦୌଡ଼ି ଦୌଡ଼ି ପ୍ରଭାକର କ'ଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି?

**8.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : ୮

(କ) ଛୋଟ ସାଧାରଣ ଅନୁଭୂତି କିଭଳି ଲେଖକଙ୍କ ଯାଦୁକରୀ ସ୍ପର୍ଶରେ ଅସାଧାରଣ ହୋଇ ପାରିଛି ବର୍ଣ୍ଣନା କର।

(ଖ) ନାରସେନା ନାଇଡୁର ଚରିତ୍ର ଚିତ୍ରଣ କର।

**9.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : ୮

(କ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି?

(ଖ) 'ଶେଫାଳି ପ୍ରତି' କବିତାରୁ କବିଙ୍କର ବିଭୁ ଭକ୍ତିର ପରିଚୟ ଦିଅ?

(ଗ) ଗ୍ରାମପଥ କବିଙ୍କ ମନରେ କି ଭାବନା ସୃଷ୍ଟି କରିଛି?

UNNATI EDUCATIONS
9899436384, 9654279279

10. ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) ପ୍ରଭାକରର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚ଼ନା କର।

(ଖ) ଜଣେ ଅବସର ପ୍ରାପ୍ତ ବ୍ୟକ୍ତିର ଅସହାୟତା ଓ ଜୀବନର ବିଫଳତା ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚ଼ନା କର।

(ଗ) 'ସକାଳର ମେଘ' ଏକାଙ୍କିକାରୁ ଏହାର ନାମକରଣର ସାର୍ଥକତା ବିଚାର କର।

11. ନିମ୍ନଲିଖିତ ଯେକୌଣସି **ଗୋଟିକର** ପ୍ରବନ୍ଧ ଲେଖ : 8

(କ) ଓଡ଼ିଶାର ପର୍ବ ପର୍ବାଣୀ

(ଖ) ଶାରୀରିକ ଶିକ୍ଷା

(ଗ) ମହାପୁରୁଷଙ୍କ ଜୀବନୀ ପାଠ

(ଘ) ଇଣ୍ଟରନେଟ୍‌ର ଆହ୍ୱାନ

12. କୌଣସି ରାସ୍ତା ଅବରୋଧ ସଂପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ। 8

କିମ୍ବା

ତୁମ ଗ୍ରାମରେ ବିଦ୍ୟୁତ ସଂଯୋଗ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବେଦନ ପତ୍ର ଲେଖ।

13. ନିମ୍ନଲିଖିତ ପରିଚ୍ଛେଦଟି ପାଠ କରି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ। 2×5+1=11

ଭାରତୀୟ ସଂସ୍କୃତି ଏକ ଆଚାରନିଷ୍ଠ ସଂସ୍କୃତି। ତ୍ୟାଗ, ତପସ୍ୟା ଓ ତପୋବନ ଏହି ସଂସ୍କୃତିର ତିନୋଟି ସ୍ତମ୍ଭ। ମନୁଷ୍ୟ, ନ୍ୟାୟ, ସତ୍ୟ ଓ ଧର୍ମ ପଥରେ ଗତି କରି କର୍ମ ସାଧନ କରିବା ଏହି ସଂସ୍କୃତିର ମୂଳକଥା କିନ୍ତୁ ଏକବିଂଶ ଶତାବ୍ଦୀରେ ଭାରତର ସାଂସ୍କୃତିକ ଅବକ୍ଷୟ ଘଟିଛି। ନୈତିକତାର ଅଭାବ ପରିଦୃଷ୍ଟ ହେଉଛି। ଭୋଗମୟ ଜୀବନର ଆକର୍ଷଣ ତଥା ବସ୍ତୁବାଦ ମାନବକୁ ପ୍ରଲୋଭିତ କରିଛି। ସାଧୁତା, ସତ୍ୟପରାୟଣ ମନୋବୃତ୍ତି, ଦେଶଭକ୍ତି,

UNNATI EDUCATIONS
9899436384, 9654279279

ମାନବିକତା, ସହାନୁଭୂତି, ସମତା ଓ ମମତା ଇତ୍ୟାଦିର ସ୍ଥାନ ତା ହୃଦୟରେ ନାହିଁ କହିଲେ ଭୁଲ୍ ହେବନି। ବିଧର୍ମୀ ଦୁରାଚାରୀ ମନୁଷ୍ୟ ନିଜର ଅହଙ୍କାର ପ୍ରକାଶ କରୁଛି। ରାଜନୀତିକ ବ୍ୟକ୍ତିମାନଙ୍କ ହାତରେ କ୍ରୀଡ଼ାନକ ସାଜିଛି। ନିର୍ବାଚନ ନାମରେ ବ୍ୟଭିଚାର, ପ୍ରଶାସନ ନାମରେ ଦୁର୍ନୀତି, ସର୍ବୋପରି ରାଜନୈତିକ କଳୁଷତାରେ ଭାରତ ଏକବିଂଶ ଶତାବ୍ଦୀରେ ନିହାତି ସଙ୍କଟମୟ ପରିସ୍ଥିତିକୁ ମୁକାବିଲା କରୁଛି।

**ପ୍ରଶ୍ନ :**

(କ) ଭାରତୀୟ ସଂସ୍କୃତିର ସ୍ୱରୂପ କ'ଣ?

(ଖ) ଭାରତୀୟ ସଂସ୍କୃତିର ତିନୋଟି ସ୍ତମ୍ଭ କ'ଣ?

(ଗ) କେଉଁ ଶତାବ୍ଦୀରେ ଭାରତରେ ସାଂସ୍କୃତିକ ଅବକ୍ଷୟ ଘଟିଛି?

(ଘ) କିଏ ମାନବକୁ ପ୍ରଲୋଭିତ କରିଛି?

(ଙ) ଆଜିର ମନୁଷ୍ୟର ହୃଦୟରେ କ'ଣ ଅଭାବ ରହିଛି?

★ ★ ★

100031 100031 100031

UNNATI EDUCATIONS
9899436384, 9654279279